# Telephone conversation between Prime Minister and President of USA

June 02, 2020

## ଭାରତର ପ୍ରଧାନମନ୍ତ୍ରୀ ଓ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତିଙ୍କ ମଧ୍ୟରେ ଫୋନରେ ବାର୍ତ୍ତାଳାପ

**ଜୁନ** 02, 2020

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ମାନ୍ୟବର ଡୋନାଲଡ ଟ୍ରମ୍ପଙ୍କ ସହିତ ଫୋନ ଜରିଆରେ ବାର୍ତ୍ତାଳାପ କରିଥିଲେ।

ରାଷ୍ଟ୍ରପତି ଟ୍ରମ୍ପ ଦି ଗ୍ରୁପ୍ ଅଫ୍ ସେଭେନରେ ଆମେରିକାର ଅଧ୍ୟକ୍ଷତା ବିଷୟରେ କହିଥିଲେ ଏବଂ ବର୍ତ୍ତମାନର ସଦସ୍ୟତା ବାହାରେ ଏହି ଗୋଷ୍ଠିର ଆଭିମୁଖ୍ୟ ବିସ୍ତାର କରିବା ପାଇଁ, ଭାରତ ସମେତ ଅନ୍ୟାନ୍ୟ ମୁଖ୍ୟ ଦେଶମାନଙ୍କୁ ଏଥିରେ ଅନ୍ତର୍ଭୁକ୍ତ କରିବାକୁ ତାଙ୍କର ଇଚ୍ଛା ପ୍ରକାଶ କରିଥିଲେ। ଏହି ପରିପ୍ରେକ୍ଷୀରେ ସେ ଆମେରିକାରେ ଅନୁଷ୍ଠିତ ହେବାକୁ ଥିବା ପରବର୍ତ୍ତୀ ଜି-7 ସମ୍ମିଳନୀରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ନିମନ୍ତ୍ରଣ କରିଥିଲେ।

ପ୍ରଧାନମନ୍ତ୍ରୀ ମୋଦୀ ରାଷ୍ଟ୍ରପତି ଟ୍ରମ୍ପଙ୍କ ସୃଜନାତ୍ମକ ତଥା ଦୂରଦୃଷ୍ଟି ସମ୍ପନ୍ନ ଆଭିମୁଖ୍ୟ ପାଇଁ ତାଙ୍କୁ ପ୍ରଶଂସା କରି କହିଛନ୍ତିଯେ କୋଭିଡ ପରବର୍ତ୍ତୀ ବିଶ୍ୱର ଉଦୀୟମାନ ବାସ୍ତବତାକୁ ଦୃଷ୍ଟିରେ ରଖି ଏହିପରି ବିସ୍ତୃତ ଫୋରମ୍ ହେବ। ପ୍ରଧାନମନ୍ତ୍ରୀ କହିଛନ୍ତିଯେ ପ୍ରସ୍ତାବିତ ସମ୍ମିଳନୀର ସଫଳତା ସୁନିଶ୍ଚିତ କରିବା ପାଇଁ ଆମେରିକା ଓ ଅନ୍ୟ ଦେଶମାନଙ୍କ ସହିତ କାର୍ଯ୍ୟ କରିବାକୁ ଭାରତ ଖୁସି ହେବ।

ପ୍ରଧାନମନ୍ତ୍ରୀ ମୋଦୀ ଆମେରିକାରେ ଚାଲିଥିବା ଜାତିଗତ ହିଂସା ପାଇଁ ଚିନ୍ତା ପ୍ରକାଶ କରିବା ସହିତ ଏହାର ଶୀଘ୍ର ସମାଧାନ ପାଇଁ ଶୁଭ କାମନା ଦେଇଥିଲେ।

ନିଜ ଦେଶର କୋଭିଡ-19 ପରିସ୍ଥିତି, ଭାରତ-ଚୀନ୍ ସୀମା ପରିସ୍ଥିତି ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନରେ ସୁଧାର ଆବଶ୍ୟକତା ଭଳି ଅନ୍ୟ ପ୍ରମୁଖ ପ୍ରସଙ୍ଗ ଉପରେ ମଧ୍ୟ ଦୁଇ ନେତା ମତ ବିନିମୟ କରିଥିଲେ।

ରାଷ୍ଟ୍ରପତି ଟ୍ରମ୍ପ ଚଳିତ ବର୍ଷ ଫେବୃଆରୀରେ ନିଜର ଭାରତ ଗସ୍ତକୁ ସ୍ମରଣ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ କହିଲେ ଏହି ଗସ୍ତ ଅନେକ ଦୃଷ୍ଟିକୋଣରୁ ସ୍ମରଣୀୟ ଓ ଐତିହାସିକ ଥିଲା ଏବଂ ଦ୍ୱିପାକ୍ଷିକ ସମ୍ପର୍କକୁ ମଧ୍ୟ ନୂତନ ଭାବେ ଗତିଶୀଳ କରିଥିଲା।

ଏହି ବାର୍ତ୍ତାଳାପର ଅତୁଳନୀୟ ଉଷ୍ମତା ଏବଂ ଆନ୍ତରିକତା ଭାରତ-ଆମେରିକାର ବିଶେଷ ସମ୍ପର୍କ ତଥା ଉଭୟ ନେତାଙ୍କ ମଧ୍ୟରେ ବନ୍ଧୁତା ଏବଂ ପାରସ୍ପରିକ ସମ୍ମାନକୁ ପ୍ରତିଫଳିତ କରିଥିଲା।

**ନୂଆଦିଲ୍ଲୀ**
**ଜୁନ** 02, 2020

DISCLAIMER: This is an approximate translation. The original is available in English on MEA's website and may be referred to as the official press release.